**ନରେନ୍ଦ୍ର ସିଂ ତୋମର**

**କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ,**
**ଭାରତ ସରକାର**

सत्यमेव जयते

17 December, 2020

# କୃଷକ ଭାଇ ଓ ଭଉଣୀମାନଙ୍କ ଉଦ୍ଦେଶ୍ୟରେ ଏକ ପତ୍ର


ପ୍ରିୟ କୃଷକ ଭାଇ ଓ ଭଉଣୀମାନେ,

ଐତିହାସିକ କୃଷି ସଂସ୍କାରକୁ ନେଇ ବିଗତ କିଛି ଦିନ ଧରି ମୁଁ ଲଗାତାର ଆପଣ ମାନଙ୍କ ସହିତ ଯୋଗାଯୋଗରେ ରହିଛି। ବିଗତ କିଛି ଦିନ ଧରି ମୁଁ ବିଭିନ୍ନ ରାଜ୍ୟର କୃଷକ ସଂଗଠନଗୁଡ଼ିକ ସହିତ ଆଲୋଚନା କରିଛି। କିଛି କୃଷକ ସଂଗଠନ ଏହି କୃଷି ସଂସ୍କାରଗୁଡ଼ିକୁ ସ୍ୱାଗତ କରିଛନ୍ତି, ସେମାନେ ଏହାକୁ ନେଇ ଖୁବ ଖୁସି ଅଛନ୍ତି, କୃଷକମାନଙ୍କର ମଧ୍ୟରେ ଏକ ନୂଆ ଆଶାର ସଂଚାର ହୋଇଛି । ଦେଶର ବିଭିନ୍ନ କ୍ଷେତ୍ରରୁ ଏପରି କୃଷକଙ୍କ ଉଦାହରଣ ଲଗାତାର ମିଳୁଛି, ଯେଉଁମାନେ ନୂଆ କୃଷି ଆଇନର ଲାଭ ଉଠାଇବା ମଧ୍ୟ ଆରମ୍ଭ କରି ଦେଇଛନ୍ତି।
କିନ୍ତୁ ଏହି କୃଷି ସଂସ୍କାରର ଆଉ ଏକ ଦିଗ ମଧ୍ୟ ରହିଛି। କିଛି କୃଷକ ସଂଗଠନଗୁଡ଼ିକ ମଧ୍ୟରେ ଏହାକୁ ନେଇ ଏକ ଭ୍ରମ ସୃଷ୍ଟି କରାଯାଇଛି।

ଦେଶର କୃଷି ମନ୍ତ୍ରୀ ହୋଇଥିବା ଦୃଷ୍ଟିରୁ, ମୋର କର୍ତ୍ତବ୍ୟ ହେଉଛି ପ୍ରତ୍ୟେକ କୃଷକମାନଙ୍କର ଭ୍ରାନ୍ତି ଦୂର କରିବା, ପ୍ରତ୍ୟେକ କୃଷକମାନଙ୍କର ଚିନ୍ତା ଦୂର କରିବା। ମୋର କର୍ତ୍ତବ୍ୟ ହେଉଛି ସରକାର ଏବଂ କୃଷକମାନଙ୍କ ମଧ୍ୟରେ ଦିଲ୍ଲୀ ଓ ଆଖପାଖ କ୍ଷେତ୍ରରେ ଏକ ମିଥ୍ୟାର ପ୍ରାଚୀର ସୃଷ୍ଟି କରିବାକୁ ଯେଉଁ ଚକ୍ରାନ୍ତ ଚାଲିଛି, ତାହାର ସତ୍ୟତା ଏବଂ ବାସ୍ତବତା ଆପଣମାନଙ୍କ ଗୋଚରାର୍ଥେ ଉପସ୍ଥାପନ କରିବା ।

ମୁଁ କୃଷକ ପରିବାରରୁ ଆସିଛି। ଚାଷର ଟିକିନିଖି ସୂଚନା ଏବଂ ଚାଷରେ ଦେଖା ଦେଉଥିବା ସମସ୍ୟା, ଉଭୟକୁ ଦେଖି, ବୁଝି ମୁଁ ବଡ଼ ହୋଇଛି। ଜମିରେ ପାଣି ମଡ଼ାଇବା ପାଇଁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ହେବା, ପାଣି ଚାଲୁଥିବା ସମୟରେ ହିଡ଼ ଭାଙ୍ଗିଗଲେ ତା'କୁ ଅଟକାଇବା ଲାଗି ଦୌଡ଼ିଯିବା, ଅସମୟରେ ବର୍ଷାର ଭୟ, ସଠିକ ସମୟରେ ବର୍ଷାର ଖୁସି-ଏ ସବୁ ମୋର ଜୀବନର ଅଂଶବିଶେଷ ଭାବେ ରହିଆସିଛି। ଫସଲ କାଟିବା ପରେ ତା'କୁ ବିକ୍ରି କରିବା ପାଇଁ ଅନେକ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବା  ମଧ୍ୟ ମୁଁ ଦେଖିଛି।

ଏପରି ସ୍ଥିତିରେ ମଧ୍ୟ ଦେଶର କୃଷକ ଦେଶ ପାଇଁ ଅଧିକରୁ ଅଧିକ ଅନ୍ନ ଉତ୍ପାଦନ କରିବା ପ୍ରୟାସରେ ଲାଗି ରହିଛି। ଭାରତର କୃଷକମାନଙ୍କର ଏହି ପରିଶ୍ରମ, ଇଚ୍ଛାଶକ୍ତିକୁ ଆମେ କରୋନାର ଏହି ସଂକଟପୂର୍ଣ୍ଣ କାଳରେ ମଧ୍ୟ ଦେଖିଛୁ। କୃଷକମାନେ ଅଧିକ ଉତ୍ପାଦନ କରି ଦେଶର ଅର୍ଥବ୍ୟବସ୍ଥାକୁ ଗତିଶୀଳ କରିବାରେ ସହାୟତା କରିଛନ୍ତି।



ଏହି ସମୟରେ ରେକର୍ଡ ପରିମାଣରେ ଚାଷ କରି ଭବିଷ୍ୟତ ପାଇଁ ଆହୁରି ଅଧିକ ଅମଳ ସୁନିଶ୍ଚିତ କରିଛନ୍ତି।

କୃଷି ମନ୍ତ୍ରୀ ଭାବେ ଏହା ମୋ ପାଇଁ ଆନନ୍ଦର ବିଷୟ ଯେ ନୂଆ ଆଇନ ଲାଗୁ ହେବା ପରେ ଚଳିତ ଥର ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ସରକାରୀ କ୍ରୟ ମଧ୍ୟ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। ଏପରି ସମୟରେ ଯେତେବେଳେ ଆମ ସରକାର MSPରେ କ୍ରୟର ରେକର୍ଡ କରୁଛି, କ୍ରୟ କେନ୍ଦ୍ର ସଂଖ୍ୟା ବୃଦ୍ଧି କରୁଛି, କିଛି ଲୋକ କୃଷକମାନଙ୍କୁ ମିଛ କହୁଛନ୍ତି ଯେ MSP ବନ୍ଦ କରି ଦିଆଯିବ।

ମୁଁ କୃଷକମାନଙ୍କୁ ଅନୁରୋଧ କରୁଛି ଯେ ରାଜନୈତିକ ସ୍ୱାର୍ଥ ଯୋଗୁ କିଛି ଲୋକଙ୍କ ଦ୍ୱାରା ପ୍ରସାରିତ କରାଯାଉଥିବା ଏହି ତୁଚ୍ଛା ମିଛକୁ ଚିହ୍ନନ୍ତୁ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରନ୍ତୁ।

| ମିଛ | ସତ |
| --- | --- |
| ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା ସମାପ୍ତ ହେଉଛି । ଏପିଏମସି ମଣ୍ଡି ଗୁଡିକୁ ବନ୍ଦ କରାଯାଉଛି। | ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା ଜାରି ରହିବ । ଏପିଏମସି ମଣ୍ଡି ବ୍ୟବସ୍ଥା ମଧ୍ୟ ଜାରି ରହିବ । ଏପିଏମସି ମଣ୍ଡି ଗୁଡିକ ଏହି ଆଇନ ପରିସରଭୁକ୍ତ ନୁହଁନ୍ତି । |
| କୃଷକମାନଙ୍କ ଜମି ପ୍ରତି ବିପଦ ଅଛି | ଜମି ପାଇଁ ନୁହଁ ବରଂ ଫସଲ ପାଇଁ ଚୁକ୍ତି ହେବ । ଜମି ବିକ୍ରି, ଲିଜ ଏବଂ ବନ୍ଧା ରଖିବା ଭଳି ଜମି ହସ୍ତାନ୍ତର ସମ୍ପର୍କିତ କୌଣସି ବ୍ୟବସ୍ଥା ଚୁକ୍ତିରେ ରହିବ ନାହିଁ । |
| ବାକି ବଦଳରେ କଣ୍ଟ୍ରାକ୍ଟରମାନେ କୃଷକମାନଙ୍କ ଜମିକୁ ହାତେଇ ପାରନ୍ତି । | ଯେକୌଣସି ପରିସ୍ଥିତିରେ କୃଷକଙ୍କ ଜମି ସୁରକ୍ଷିତ ରହିବ । |
| ଚୁକ୍ତିବଦ୍ଧ କୃଷିକ୍ଷେତ୍ରରେ କୃଷକମାନଙ୍କ ପାଇଁ ମୂଲ୍ୟର କୌଣସି ଗ୍ୟାରେଣ୍ଟି ନାହିଁ । | କୃଷି ସମ୍ପର୍କିତ ଚୁକ୍ତିରେ କୃଷି ଉତ୍ପାଦଗୁଡିକର କ୍ରୟ ମୂଲ୍ୟ ଉଲ୍ଲେଖ ରହିବ । |
| କୃଷକମାନଙ୍କୁ ତାଙ୍କ ପ୍ରାପ୍ୟ ମିଳିବ ନାହିଁ । | ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କୃଷକମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ  ହେବ ଅନ୍ୟଥା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ସହିତ ଜରିମାନା ମଧ୍ୟ କରାଯିବ । |
| କୃଷକମାନେ ଚୁକ୍ତି ସମାପ୍ତ କରିପାରିବେ ନାହିଁ। | କୌଣସି ଜରିମାନା ନଦେଇ ଯେକୌଣସି ସମୟରେ ମଧ୍ୟ କୃଷକମାନେ ଚୁକ୍ତି ସମାପ୍ତ କରିପାରିବେ । |
| ଏହା ପୂର୍ବରୁ ପ୍ରଥମେ କେବେ ହେଲେ ଚୁକ୍ତିବଦ୍ଧ କୃଷି ପାଇଁ ଚେଷ୍ଟା କରାଯାଇନଥିଲା। | ଅନେକ ରାଜ୍ୟ ଚୁକ୍ତିଭିତ୍ତିକ କୃଷିକୁ ମଞ୍ଜୁରି ଦେଇସାରିଛନ୍ତି । ଏପରିକି କେତେକ ରାଜ୍ୟରେ ଚୁକ୍ତିଭିତ୍ତିକ କୃଷି ସମ୍ପର୍କରେ ଆଇନ ମଧ୍ୟ ରହିଛି । |
| ଏହି ଆଇନଗୁଡିକୁ ପ୍ରଣୟନ କରିବା ପୂର୍ବରୁ କୌଣସି ବିଚାରବିମର୍ଷ କରାଯାଇନଥିଲା। | ଦୁଇ ଦଶନ୍ଧି ଧରି ବିଚାରବିମର୍ଷ ହୋଇଛି । 2000 ମସିହାରେ ଶଙ୍କରଲାଲ ଗୁରୁ କମିଟିଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହା ପରେ 2003 ମସିହାରେ ଏପିଏମସି ମଡେଲ ଆଇନ, 2007 ମସିହାରେ ଏପିଏମସି ନିୟମ, 2010 ମସିହାରେ ହରିୟାଣା, ପଞ୍ଜାବ, ବିହାର ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସମିତି ଏବଂ 2013 ମସିହାରେ 10ଟି ରାଜ୍ୟର କୃଷିମନ୍ତ୍ରୀମାନଙ୍କ ରିପୋର୍ଟ, 2017 ମସିହାରେ ଏପିଏଲଏମ ଆଇନ ଏବଂ ପରିଶେଷରେ 2020 ମସିହାରେ ସଂସଦ ଦ୍ୱାରା ଏହି ଆଇନଗୁଡିକୁ ସ୍ୱୀକୃତି ମିଳିଛି |



ଯେଉଁ ସରକାର କୃଷକମାନଙ୍କ ଖର୍ଚ୍ଚର ଦେଢ଼ଗୁଣା MSP ଦେଇଛନ୍ତି, ଯେଉଁ ସରକାର ବିଗତ 6 ବର୍ଷରେ MSP ଜରିଆରେ ପାଖାପାଖି ଦୁଇଗୁଣା ଅର୍ଥରାଶି କୃଷକମାନଙ୍କ ଖାତାରେ ପହଞ୍ଚାଇଛି, ସେ ସରକାର କେବେହେଲେ MSP ବନ୍ଦ କରିବେ ନାହିଁ। MSP ଜାରି ରହିଛି ଏବଂ ରହିବ।

କୃଷକ ଭାଇ ଓ ଭଉଣୀମାନେ,

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ କୃଷକ କଲ୍ୟାଣ, ତାଙ୍କ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତା ମଧ୍ୟରୁ ଗୋଟିଏ। କୃଷକମାନଙ୍କର ଆୟ ବୃଦ୍ଧି କରିବା, ସେମାନଙ୍କ ଜୀବନରେ ସମୃଦ୍ଧି ଆଣିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏ ସରକାର ଲଗାତାର ନିଷ୍ପତ୍ତି ନେଉଛନ୍ତି।


ବିଗତ 6 ବର୍ଷରେ କୃଷକମାନଙ୍କୁ ସଶକ୍ତ କରିବା ଲାଗି ଆମ ସରକାରଙ୍କ ପକ୍ଷରୁ ବିହନରୁ ବଜାର ପର୍ଯ୍ୟନ୍ତ ପ୍ରତ୍ୟେକ ଜରୁରି ନିଷ୍ପତ୍ତି ନିଆଯାଇଛି, ଯାହାକି କୃଷକମାନଙ୍କ ଲାଗି ଚାଷକୁ ଆହୁରି ସହଜ କରିଛି, ସେମାନଙ୍କର ସମସ୍ୟାକୁ ଦୂର କରି ଲାଭ ବଢ଼ାଇଛି।

ଆପଣମାନେ ସମସ୍ତେ ଜାଣନ୍ତି ଯେ ଆମ ଦେଶରେ 80 ପ୍ରତିଶତ କ୍ଷୁଦ୍ର ଚାଷୀ ରହିଛନ୍ତି, ଯେଉଁମାନେ ଏକ-କିମ୍ବା ଦୁଇ ଏକର ଜମି ଚାଷ କରିଥାନ୍ତି। ଏପରି କୃଷକ ସ୍ୱାଧୀନତା ପରଠାରୁ ହିଁ କେବଳ ପେଟ ପୋଷିବା ଲାଗି ଚାଷ କରି ଆସୁଛନ୍ତି। ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ସେଥିରୁ ଛୋଟ ଚାଷୀମାନଙ୍କୁ ବହୁତ ଅଧିକ ଲାଭ ମିଳୁଛି।

ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଜରିଆରେ ବାର୍ଷିକ 6 ହଜାର ଟଙ୍କା ଆପଣମାନଙ୍କୁ ଦେବା ପଛରେ ଏହି ଉଦ୍ଦେଶ୍ୟ ରହିଛି ଯେ ସଂକଟ ସମୟରେ ମଧ୍ୟ ଆପଣମାନେ ଋଣ କରନ୍ତୁ ନାହିଁ। ଫସଲ ବୀମା କବଚ ଆପଣଙ୍କୁ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ନଷ୍ଟ ହୋଇଥିବା ଫସଲ ପାଇଁ କ୍ଷତିପୂରଣ ପ୍ରଦାନ କରିଥାଏ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଫଳରେ କୃଷକମାନଙ୍କୁ ନିଜ ଜମିର ଉର୍ବରତା ବିଷୟରେ ସଠିକ ସୂଚନା ମିଳୁଛି। ନିମ୍ବଯୁକ୍ତ ୟୁରିଆ ଫଳରେ ସାରର କଳାବଜାରୀ ଉପରେ ଅଙ୍କୁଶ ଲାଗିଛି, କୃଷକମାନଙ୍କୁ ବହୁତ ବଡ଼ ସହାୟତା ମିଳିପାରିଛି। ଅନ୍ନଦାତା ମଧ୍ୟ ଉର୍ଜାଦାତା ହୁଅନ୍ତୁ, ଦେଶ ଏହି ଲକ୍ଷ୍ୟ ନେଇ ଆଗକୁ ବଢ଼ୁଛି।

କୃଷକମାନଙ୍କର ପାଇଁ ଆଉ ଏକ ସମସ୍ୟା ଏହା ଯେ ଅଧିକାଂଶ ଗୋଦାମ, ଶୀତଳ ଭଣ୍ଡାର ଏବଂ ପ୍ରକ୍ରିୟାକରଣ କେନ୍ଦ୍ର ଗାଁ ବଦଳରେ ବଡ଼ ସହର ପାଖରେ ନିର୍ମିତ ହୋଇଛି। ଏହି କାରଣରୁ କୃଷକମାନଙ୍କୁ ଏହାର ସମ୍ପୂର୍ଣ୍ଣ ଲାଭ ମିଳିପାରୁନାହିଁ। ଏହି ଅସନ୍ତୁଳନକୁ ଦୂର କରିବା ଲାଗି ଏବେ ଏକ ଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମି ପାଣ୍ଠି ଗଠନ କରାଯାଇଛି।

ଏହିସବୁ ପ୍ରୟାସ ମଧ୍ୟରେ ଆମେ ଏହା ମଧ୍ୟ ଦେଖିଛୁ ଯେ କିପରି କୃଷକମାନଙ୍କର ଝାଳବୁହା ପରିଶ୍ରମରେ ହୋଇଥିବା ଫସଲକୁ କିଛି ଲୋକ ବଜାର ଉପଲବ୍ଧତା ନଥିବା କାରଣରୁ କଉଡ଼ି ମୂଲରେ କିଣି ନେଉଛନ୍ତି। ଭାରତର କୃଷକମାନଙ୍କୁ ଏହି ଅଧିକାର ନଥିଲା ଯେ ସେମାନେ ନିଜ ଜମିରେ ହେଉଥିବା ଫସଲର ଦର ନିଜେ ନିର୍ଦ୍ଧାରଣ କରିପାରିବେ , ସେଗୁଡ଼ିକୁ ଯେଉଁଠି ଚାହିଁବେ ସେଠାରେ ବିକ୍ରି ମଧ୍ୟ କରିପାରିବେ ।



କୃଷକମାନଙ୍କର ଏହି ଅସହାୟତାକୁ ସମସ୍ତେ ଜାଣିଥିଲେ, ବୁଝିଥିଲେ। ଆମ ପୂର୍ବରୁ ଥିବା ସରକାର ମଧ୍ୟ କୃଷକମାନଙ୍କୁ ମଣ୍ଡି ସହିତ ଖୋଲା ବଜାର ଦେବା ସପକ୍ଷରେ ଯୁକ୍ତି ବାଢୁଥିଲା। ଏ ସମ୍ପର୍କରେ ଅଟଳ ଜୀ ସରକାରରେ ଥିବା ସମୟରେ 2001 ବର୍ଷ ଠାରୁ ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅଟଳଜୀଙ୍କ ପରେ 10 ବର୍ଷ ଧରି କେନ୍ଦ୍ରରେ କଂଗ୍ରେସ ସରକାର ଥିଲା ଏବଂ ସେ ସରକାର ମଧ୍ୟ ଏହି ସଂସ୍କାରଗୁଡ଼ିକୁ ସମର୍ଥନ କରୁଥିଲା, ଏହି ସଂସ୍କାରକୁ ନିଜର ଘୋଷଣାପତ୍ରରେ ଲେଖିଆସିଥିଲା।

ସତ୍ୟତା ହେଉଛି କୃଷକମାନଙ୍କୁ ବାନ୍ଧି ରଖୁଥିବା ପୁରୁଣା ବ୍ୟବସ୍ଥାରେ କେବେ ହେଲେ କେହି ସହମତ ନଥିଲେ। ଆଜି ଏହି ପତ୍ର ମାଧ୍ୟମରେ ମୁଁ ଏହା କହିବାକୁ ଚାହୁଁଛି ଯେ ବିଗତ 20-25 ବର୍ଷ ଧରି କୌଣସି କୃଷକ ନେତା କିମ୍ବା ସଂଗଠନର ଏପରି ଗୋଟିଏ ସୁଦ୍ଧା ବକ୍ତବ୍ୟ ଦେଖିବାକୁ ମିଳିନଥିଲା, ଯିଏକି କହିଥିଲେ କୃଷକମାନଙ୍କୁ ନିଜର ଫସଲ ବିକ୍ରି କରିବା ନିମନ୍ତେ ଅନ୍ୟ ବିକଳ୍ପ ମିଳିବା ଉଚିତ ନୁହେଁ। ଯେଉଁ ବ୍ୟବସ୍ଥା ଚାଲି ଆସିଛି, ଚାଲିଥାଉ, ତାହା ହିଁ ଭଲ। ଆମ ଦେଶରେ ବଡ଼ ବଡ଼ କୃଷକ ସଂଗଠନଗୁଡ଼ିକ ଏହି ବନ୍ଧନରୁ ମୁକ୍ତି ପାଇବା ଲାଗି ଆନ୍ଦୋଳନ କରି ଆସୁଥିଲେ। କୃଷି ବିଶେଷଜ୍ଞମାନେ କୁହନ୍ତି ଯେ ଏହି ସଂସ୍କାରଗୁଡ଼ିକ ବିନା ଭାରତର କୃଷକମାନଙ୍କର ଜୀବନରେ ପରିବର୍ତ୍ତନ ଆଣିବା କଷ୍ଟକର।

'ବର୍ଷ 2014ରେ ଯେତେବେଳେ ଏନଡିଏ ସରକାର ଗଠନ ହେଲା ଆମେ ଏହିସବୁ ସଂସ୍କାରଗୁଡ଼ିକ ଉପରେ ନୂଆ କରି ଆଲୋଚନା ଆରମ୍ଭ କଲୁ। ରାଜ୍ୟ ସରକାରଙ୍କୁ ମଡେଲ ଆଇନ ପଠାଗଲା। ମୁଖ୍ୟମନ୍ତ୍ରୀମାନଙ୍କର କମିଟିରେ ଆଲୋଚନା ହେଲା। ଛଅ ମାସରେ ଆମେ ଦେଶର କୋଟି କୋଟି କୃଷକମାନଙ୍କ ନିକଟରେ ଏହି ପ୍ରସଙ୍ଗକୁ ନେଇ ପହଞ୍ଚିଥିଲୁ। ପାଖାପାଖି ଦେଢ଼ ଲକ୍ଷ ଟ୍ରେନିଂ ଓ ୱେବିନାର ଜରିଆରେ କୃଷକମାନଙ୍କ ସହିତ ଜଡ଼ିତ ବିଭିନ୍ନ ବ୍ୟାପାର ଏବଂ ନୂଆ କୃଷି ଆଇନର ବ୍ୟବସ୍ଥା ଉପରେ ଆଲୋଚନା କରାଗଲା। ଏହାପରେ ଯାଇ ନୂଆ କୃଷି ଆଇନ ଅସ୍ତିତ୍ୱକୁ ଆସିଲା।

କୃଷକ ଭାଇ-ଭଉଣୀମାନେ,

ମଣ୍ଡି ଚାଲୁ ରହିଛି ଏବଂ ଚାଲୁ ରହିବ। APMCକୁ ଆହୁରି ଅଧିକ ସୁଦୃଢ଼ କରାଯାଉଛି। ଏଥିସହିତ ଖୋଲା ବଜାର ଆପଣଙ୍କୁ ନିଜ ଘରେ ହିଁ ଫସଲକୁ ଭଲ ଦାମରେ ବିକ୍ରି କରିବା ଲାଗି ବିକଳ୍ପ ମଧ୍ୟ ପ୍ରଦାନ କରିବ। ଏଥିସହିତ ଚାଷଜମିରୁ ମଣ୍ଡି ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ନେଇଯିବା ଲାଗି ଭଡ଼ା ମଧ୍ୟ ସଞ୍ଚୟ ହେବ। ଏହାଛଡ଼ା ମଣ୍ଡିର ବିକଳ୍ପ ମଧ୍ୟ ରହିବ। କୃଷି ଉତ୍ପାଦ ମଣ୍ଡିଗୁଡ଼ିକ ପୂର୍ବ ଭଳି କାର୍ଯ୍ୟକ୍ଷମ ରହିବ। ବିଗତ 5-6 ବର୍ଷରେ କୃଷି ମଣ୍ଡିଗୁଡ଼ିକୁ ଆଧୁନିକ କରିବା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏଗୁଡ଼ିକୁ ଆଗାମୀ ଦିନରେ ଆହୁରି ଆଧୁନିକ କରାଯିବ।

ଯେଉଁ ଲୋକମାନଙ୍କର ରାଜନୈତିକ ଆଧାର ନଷ୍ଟ ହୋଇଗଲାଣି, ସେମାନେ ସମ୍ପୂର୍ଣ୍ଣ ଏହି କାଳ୍ପନିକ ମିଥ୍ୟା ପ୍ରଚାର କରୁଛନ୍ତି ଯେ କୃଷକମାନଙ୍କର ଜମି ଛଡ଼ାଇ ନିଆଯିବ। ଯେତେବେଳେ କୃଷକ ଓ ବ୍ୟବସାୟୀଙ୍କ ମଧ୍ୟରେ କେବଳ ଫସଲ ପାଇଁ ଚୁକ୍ତିନାମା ହେବ ତା'ହେଲେ ଜମି କିପରି ଚାଷୀର ହାତରୁ ଚାଲିଯିବ? ନୂଆ ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ଜମିରେ କୃଷକମାନଙ୍କର ମାଲିକାନା ଅଧିକାର ରହିବ। ଯେଉଁ ସରକାର ଗାଁରେ ରହୁଥିବା ପ୍ରତ୍ୟେକ ପରିବାରକୁ ସ୍ୱାମିତ୍ୱ ଯୋଜନା ଜରିଆରେ ସେମାନଙ୍କ ଘରର ମାଲିକାନା ହକ୍ ମଧ୍ୟ ପ୍ରଦାନ କରୁଛି, ସେ କେବେହେଲେ କୃଷକମାନଙ୍କର ଗୋଟିଏ ଇଞ୍ଚ ଜମି ସୁଦ୍ଧା ଅନ୍ୟ କାହାରି ହାତକୁ ଯିବାକୁ ଦେବ ନାହିଁ।



ଆମ ସରକାର, ଉଦ୍ଦେଶ୍ୟ ଓ ନୀତି ଉଭୟ ଦୃଷ୍ଟିରୁ କୃଷକମାନଙ୍କ ଲାଗି ପ୍ରତିବଦ୍ଧ ।

ଭଉଣୀ ଓ ଭାଇମାନେ

ଏମଏସପି, ମଣ୍ଡି ଓ ଜମି ଉପରେ ଅଧିକାରକୁ ନେଇ ଯେଉଁ ମିଥ୍ୟା ପ୍ରଚାର କରାଯାଉଛି, ତାହାକୁ ଦୂର କରିବା ଲାଗି ସରକାର ନିରନ୍ତର ପ୍ରୟାସ କରୁଛନ୍ତି।

ଆମେ କୃଷକମାନଙ୍କୁ ଏବଂ ସେମାନଙ୍କର ସଂଗଠନ ସହିତ ଲଗାତାର ଆଲୋଚନା କରୁଛୁ ଏବଂ ସେମାନଙ୍କର ପ୍ରତ୍ୟେକ ଚିନ୍ତାର ନିରାକରଣ କରିବା ଲାଗି ସବୁବେଳେ ପ୍ରସ୍ତୁତ ଅଛୁ।

କିନ୍ତୁ କୃଷକମାନଙ୍କ ଆଢୁଆଳରେ ରହି କିଛି ରାଜନୈତିକ ଦଳ ଏବଂ ସଂଗଠନଗୁଡ଼ିକ ପକ୍ଷରୁ ରଚାଯାଉଥିବା ଷଡ଼ଯନ୍ତ୍ରକୁ ବୁଝିବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ।

ଦେଶର ଦୁର୍ଭାଗ୍ୟ ହେଉଛି ନିଜକୁ ନିରପେକ୍ଷ ବୋଲାଉଥିବା, ବୁଦ୍ଧିଜୀବୀ ବୋଲି ବିଚାର କରୁଥିବା କିଛି ଲୋକ ଲଜ୍ଜାହୀନ ଭାବେ ଆଜି ନିଜ କଥାର ଠିକ ବିପରୀତ କଥା କହୁଛନ୍ତି। କିନ୍ତୁ ଲୋକଙ୍କ ଆଗରେ କିଛି ଲୁଚି ରହିନାହିଁ। ଦେଶ  ସେମାନଙ୍କର ପୁରୁଣା ବକ୍ତବ୍ୟକୁ ମଧ୍ୟ ଶୁଣିଛି ଏବଂ ଆଜି ସେମାନଙ୍କ ଅସଲ ଚେହେରା ବି ଦେଖୁଛି।

ଏହି ଲୋକମାନେ ଭାବୁଛନ୍ତି ଯେ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ସରକାରଙ୍କର କ୍ଷତି କରିବେ। କିନ୍ତୁ ସତ୍ୟତା ହେଉଛି ସେମାନଙ୍କର ଲକ୍ଷ୍ୟରେ ଆପଣମାନେ ରହିଛନ୍ତି, ଦେଶର କୃଷକ, ଯୁବକମାନେ ରହିଛନ୍ତି। ଏହି ଲୋକମାନେ ନିର୍ଦ୍ଦୋଷ କୃଷକମାନଙ୍କୁ ରାଜନୀତିର କାଠପିତୁଳା ସଜାଇବାର ପ୍ରୟାସ କରିଛନ୍ତି।

ଯେଉଁ କଂଗ୍ରେସ ନିଜ ସରକାର ସମୟରେ ସ୍ୱାମୀନାଥନ ସମିତି ରିପୋର୍ଟକୁ ଆଠ ବର୍ଷ ଧରି ଚାପି ରଖିଥିଲା, ସେହି କଂଗ୍ରେସ କୃଷକମାନଙ୍କର ହିତୈଷୀ କିଭଳି ହୋଇପାରିବ? ଯେଉଁ କଂଗ୍ରେସ ନିଜର ଘୋଷଣାପତ୍ରରେ କହି ଆସିଛି ଯେ କୃଷକମାନଙ୍କୁ ମଣ୍ଡି ବ୍ୟତୀତ ନିଜ ଫସଲ ବିକ୍ରି କରିବା ଲାଗି ଭିନ୍ନ ବିକଳ୍ପ ମିଳିବା ଉଚିତ, ସେ ଏବେ କୃଷକମାନଙ୍କୁ କାହିଁକି ବନ୍ଧନରେ ପକାଇବା ଲାଗି ଚାହୁଁଛି ? କଂଗ୍ରେସ ସରକାରଙ୍କର ଯେଉଁ କୃଷି ମନ୍ତ୍ରୀ ଏସବୁ ସଂସ୍କାର ବିଷୟରେ ପୂର୍ବରୁ ଚିଠି ଲେଖୁଥିଲେ, ସେ ଆଜି ୟୁ-ଟର୍ଣ୍ଣ କାହିଁକି ମାରିଛନ୍ତି?

ଯେଉଁ ଆମ ଆଦମୀ ପାର୍ଟୀ ପଞ୍ଜାବ ନିର୍ବାଚନ ସମୟରେ ନିଜର ଘୋଷଣାପତ୍ରରେ ଲେଖିଥିଲା ଯେ କୃଷକମାନଙ୍କୁ ମଣ୍ଡି ବାହାରେ ମଧ୍ୟ ନିଜର ଫସଲ ବିକ୍ରି କରିବାର ସୁବିଧା ଦେବ, ସେ ଏବେ ଓଲଟା କଥାବାର୍ତ୍ତା କାହିଁକି କରୁଛି?

ହୁଡ୍ଡା ସମିତି କୃଷି ସଂସ୍କାର ବିଷୟରେ ଉଲ୍ଲେଖ କରିଥିଲା, ସେହି ସମିତିରେ ଅକାଳୀ ଦଳର ବଡ଼ ନେତାମାନେ ମଧ୍ୟ ଥିଲେ, ତେଣୁ ଆଜି ସେମାନେ ଅଲଗା ସ୍ୱରରେ କାହିଁକି କଥାବାର୍ତ୍ତା କରୁଛନ୍ତି?

ସେସବୁ କୃଷକ ସଂଗଠନ ଯେଉଁମାନେ ଦୁଇ-ତିନି ମାସ ପୂର୍ବରୁ ଏସବୁ ସଂସ୍କାରର ସମର୍ଥନ କରୁଥିଲେ, ଆମ ସରକାରଙ୍କୁ ଅଭିନନ୍ଦନ ଜଣାଉଥିଲେ, ଏବେ ଅଚାନକ ଆନ୍ଦୋଳନକୁ କାହିଁକି ଓହ୍ଲାଇବାରେ ଲାଗିଛନ୍ତି?

ମୋର କୃଷକ ଭାଇ ଓ ଭଉଣୀମାନେ,

ବହୁ ଦଶନ୍ଧି ଧରି ଆମ ଦେଶରେ କେବଳ ଘୋଷଣା କରି ଭୋଟ ହାତେଇବାର ରାଜନୀତି ହୋଇ ଆସିଛି।


ଘୋଷଣା କରି ପ୍ରାମାଣିକତାର ସହିତ ସେଗୁଡ଼ିକୁ ପୂରଣ କରୁଥିବା ସରକାରଙ୍କୁ ଦେଶ ଏବେ ଦେଖୁଛି।

ଦେଶବାସୀଙ୍କର ଆଶୀର୍ବାଦ ଆମ ଉପରେ ବଢୁଥିବା ଦେଖି, କିଛି ଦଳଗୁଡ଼ିକୁ ଏହା ମଧ୍ୟ ଅନୁଭବ ହେଲାଣି ଯେ ସେମାନେ କୃଷକମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରି ନିଜେ ହରାଇଥିବା ରାଜନୈତିକ ଆଧାର ଫେରିପାଇପାରିବେ।

ଏହି ଭ୍ରମ ଦୂର କରିବା ଆମର ଦାୟିତ୍ୱ । ସେଥିପାଇଁ ଆମେ ଆନ୍ଦୋଳନରତ କୃଷକମାନଙ୍କ ସହିତ ପ୍ରତ୍ୟେକ ବିଷୟର ସମାଧାନ କରିବା ଲାଗି ନିରନ୍ତର ପ୍ରୟାସ କରୁଛୁ।

କିନ୍ତୁ ଆପଣମାନଙ୍କୁ ଏକଥା ପ୍ରତି ମଧ୍ୟ ସତର୍କ ରହିବାକୁ ହେବ ଯେ ଏହି ଆନ୍ଦୋଳନରେ ଏପରି କିଛି ଲୋକ ସାମିଲ ହୋଇଯାଇଛନ୍ତି, ଯେଉଁମାନଙ୍କର ଲକ୍ଷ୍ୟ କୃଷକମାନଙ୍କର ହିତ ଆଦୌ ନୁହେଁ। ବିଗତ ଛଅ ବର୍ଷ ଧରି ଆପଣମାନେ ଦେଖିଥିବେ ଯେ ଗୋଟିଏ ଗୋଷ୍ଠୀର, ଗୋଟିଏ ଆଚାର-ବିଚାରର ଲୋକମାନଙ୍କର ଏକ ସମୂହ କେତେବେଳେ ବିଦ୍ୟାର୍ଥୀ ତ' ଆଉ କେତେବେଳେ ଦଳିତ ସମାଜ, କେବେ ମହିଳା ପୁଣି କେତେବେଳେ ସଂଖ୍ୟାଲଘୁ- ଭିନ୍ନ ଭିନ୍ନ ବର୍ଗଙ୍କ ଆଢୁଆଳରେ ରହି ସମାଜରେ ଅସନ୍ତୋଷ ଏବଂ ଦେଶରେ ଅରାଜକତା ସୃଷ୍ଟି କରିବା ଲାଗି କରିଆସୁଛି।

ଆଜି ଏହି ଲୋକମାନେ ପୁଣିଥରେ ଦେଶର ଅନ୍ନଦାତାମାନଙ୍କର ପଛରେ ଲୁଚି ରହି ନିଜର ରାଜନୈତିକ ସ୍ୱାର୍ଥ ପାଇଁ ହିଂସା ଓ ଅରାଜକତାକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପରେ ଉସୁକାଉଛନ୍ତି।



ଏହି ଲୋକମାନେ ଦେଶର ଅନ୍ନଦାତାଙ୍କ ଆଢୁଆଳରେ ରହି ଦଙ୍ଗା ଅଭିଯୁକ୍ତ, ହିଂସା ସୃଷ୍ଟିକାରୀ ଅଭିଯୁକ୍ତମାନଙ୍କୁ ତୁରନ୍ତ ଛାଡ଼ିବା ଲାଗି ଚାପ ସୃଷ୍ଟି କରୁଛନ୍ତି।

ଏହି ଲୋକମାନେ ଦେଶର ଅନ୍ନଦାତାଙ୍କ ପଛରେ ଲୁଚି ରହି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିକୁ କ୍ଷତି ପହଞ୍ଚାଉଛନ୍ତି, ପୂଜ୍ୟ ବାପୁଙ୍କୁ ଅପମାନିତ କରୁଛନ୍ତି, ସେହି ବାପୁଙ୍କୁ ଅପମାନିତ କରୁଛନ୍ତି ଯିଏକି ଚମ୍ପାରଣରେ କୃଷକମାନଙ୍କ ଲାଗି ସତ୍ୟାଗ୍ରହର ଏକ ବହୁତ ବଡ଼ ଆନ୍ଦୋଳନ ଆରମ୍ଭ କରିଥିଲେ।

ଜଳସେଚନ ପାଇଁ କୃଷକମାନଙ୍କ ନିକଟରେ ଯେପରି ନପହଞ୍ଚିବ, ସେଥିପାଇଁ ଏସବୁ ସଂଗଠନଗୁଡ଼ିକ ବହୁବର୍ଷ ଧରି ଆଣ୍ଠୁଗଣ୍ଠି ଛିଣ୍ଡାଇ ଚେଷ୍ଟା କରିଆସୁଥିଲେ, ପ୍ରତ୍ୟେକ ଆଇନଗତ ପେଞ୍ଚ କରିଚାଲିଥିଲେ। ଏହି ଲୋକମାନେ କୃଷକମାନଙ୍କ ନିକଟରେ ବିଦ୍ୟୁତ ପହଞ୍ଚାଇବାର କାର୍ଯ୍ୟରେ ଏବଂ ବନ୍ଧ ନିର୍ମାଣରେ ବହୁବର୍ଷ ଧରି ବାଧା ସୃଷ୍ଟି କରିଆସୁଥିଲେ। ଏହି ଲୋକମାନେ ଆଜି କୃଷକମାନଙ୍କର ହିତୈଷୀ ହେବାର ଛଳନା କରୁଛନ୍ତି ।
ଯେତେବେଳେ ଦେଶ ଆତ୍ମନିର୍ଭର ଭାରତର ସଂକଳ୍ପ ସହିତ ଆଗକୁ ବଢ଼ୁଛି, ଭୋକାଲ ଫର ଲୋକାଲ ହେଉଛି, ଭାରତୀୟ ଉତ୍ପାଦର ବହିଷ୍କାର କରିବାର ଘୋଷଣା କରୁଥିବା ଏହି ଲୋକମାନଙ୍କର ଉଦ୍ଦେଶ୍ୟକୁ ଜାଣିବାକୁ ହେବ।

ଲେହ-ଲଦାଖ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ଆହ୍ୱାନ ବୃଦ୍ଧି ପାଇବା ସମୟରେ, ଅନେକ ଫୁଟ ବରଫ ଗଦା ହୋଇଥିବା ସମୟରେ, ଯବାନମାନଙ୍କ ପାଇଁ ଖାଦ୍ୟସାମଗ୍ରୀ ନେଇ ଯାଉଥିବା ଟ୍ରେନକୁ ଅଟକାଉଥିବା ଲୋକମାନେ କେବେବି କୃଷକ ହୋଇ ନ ପାରନ୍ତି ।

ଏହି ଲୋକମାନଙ୍କ କାରଣରୁ ଆମକୁ ନିଜ ସୈନିକମାନଙ୍କ ପାଇଁ ରାସନ ଓ ଅନ୍ୟ ଜରୁରି ସାମଗ୍ରୀ ବିମାନ ଜରିଆରେ ଏବଂ ଅନ୍ୟ ସାଧନ ମାଧ୍ୟମରେ ପହଞ୍ଚାଇବାକୁ ପଡ଼ୁଛି। ଜନସାଧାରଣଙ୍କର ମୋଟା ଅଙ୍କର ଅର୍ଥ ଏହି ବିକଳ୍ପ ବ୍ୟବସ୍ଥାରେ ବିନିଯୋଗ ହେଉଛି।

ଏମାନଙ୍କ ମଧ୍ୟରେ ଏପରି କିଛି ଲୋକ ଅଛନ୍ତି, ଯେଉଁମାନେ 1962 ଯୁଦ୍ଧରେ ଦେଶକୁ ସମର୍ଥନ କରିନଥିଲେ।
ଆଜି ଏ ଲୋକମାନେ ପୁଣିଥରେ 62 ମସିହାର ଭାଷା କହୁଛନ୍ତି ।

ଏହି ଲୋକମାନେ କୃଷକମାନଙ୍କର ମନର ପବିତ୍ରତାକୁ ମଧ୍ୟ ନିଜର ଘୃଣ୍ୟ ଉଦ୍ଦେଶ୍ୟ ଓ ଷଡ଼ଯନ୍ତ୍ର ମାଧ୍ୟମରେ ଅପବିତ୍ର ଓ ପ୍ରଦୂଷିତ କରିବାର ପ୍ରୟାସ କରିଛନ୍ତି।

ଆମର କୃଷକ ଭାଇ-ଭଉଣୀମାନଙ୍କୁ ଆଜି ବିଚାର କରିବାକୁ ହେବ ଯେ ଯେତେବେଳେ ସେମାନେ ଆନ୍ଦୋଳନ ଆରମ୍ଭ କରିଥିଲେ, ସେତେବେଳେ ସେମାନଙ୍କର ଲକ୍ଷ୍ୟ କ'ଣ ଥିଲା ଏବଂ ଆଜି କେଉଁ କଥା ସବୁ ଆଲୋଚନା ହେଉଛି?



ମୁଁ ଏହି ପତ୍ର ମାଧ୍ୟମରେ ଆପଣମାନଙ୍କୁ ହାତ ଯୋଡ଼ି ଏହି ନିବେଦନ କରୁଛି ଯେ ଏପରି କୌଣସି ପ୍ରରୋଚନାରେ ନ ପଡ଼ି ଦୟାକରି ତଥ୍ୟ ଆଧାରରେ ଚିନ୍ତା କରନ୍ତୁ।

ଆପଣଙ୍କର ପ୍ରତ୍ୟେକ ଭୟ- ଭ୍ରାନ୍ତି ଦୂର କରିବା, ତା'ର ଉତ୍ତର ଦେବା ଆମ ସରକାରଙ୍କର ଦାୟିତ୍ୱ । ଆମେ ଆମର ଏହି ଦାୟିତ୍ୱରୁ ପଛକୁ କେବେ ହଟି ନାହୁଁ କିମ୍ବା ହଟିବୁ ମଧ୍ୟ ନାହିଁ।

'ସବକା ସାଥ ସବକା ବିକାଶ ସବକା ବିଶ୍ୱାସ'ର ମନ୍ତ୍ରରେ ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମର ସରକାର ବିନା କୌଣସି ଭେଦଭାବରେ ସମସ୍ତଙ୍କ ହିତ ନିମନ୍ତେ ପ୍ରୟାସ କରି ଆସିଛି। ବିଗତ ୬ ବର୍ଷର ଇତିହାସ ଏହାର ସାକ୍ଷୀ ।

ଆପଣମାନେ ବିଶ୍ୱାସ ରଖନ୍ତୁ, କୃଷକମାନଙ୍କ ହିତରେ କରାଯାଇଥିବା ଏସବୁ ସଂସ୍କାର ଭାରତୀୟ କୃଷିରେ ନୂଆ ଅଧ୍ୟାୟର ଆଧାରଶୀଳା ପ୍ରତିଷ୍ଠା କରିବ, ଦେଶର କୃଷକମାନଙ୍କୁ ଆହୁରି ସ୍ୱାଧୀନ ତଥା ସଶକ୍ତ କରିବ।

ଏହି କୃଷି ସଂସ୍କାରର ଉତ୍ସାହ ବଳରେ ଆମେ ମିଳିମିଶି ଭାରତୀୟ କୃଷିକୁ ସମୃଦ୍ଧ କରିବୁ, ପରିପୂର୍ଣ୍ଣ କରିବୁ ।

ଆପଣମାନଙ୍କର ନିଜର,

**नरेन्द्र सिंह तोमर**

## ଅନ୍ନଦାତାଙ୍କୁ ଆଶ୍ୱାସନା

ଏମଏସପି ବିଷୟରେ ସରକାର ଲିଖିତ ଆଶ୍ୱାସନା ଦେବାପାଇଁ ପ୍ରସ୍ତୁତ।

ରାଜ୍ୟଗୁଡିକୁ ଏପିଏମସି ବାହାରେ ଘରୋଇ ବଜାରଗୁଡିକରେ ଟିକସ ଲଗେଇବାର ଅନୁମତି ଦିଆଯାଇପାରେ।

କୌଣସି ପ୍ରକାର ବିବାଦର ସମାଧାନ ପାଇଁ କୃଷକମାନଙ୍କ ପାଖରେ କୋର୍ଟକୁ ଯିବାର ମଧ୍ୟ ବିକଳ୍ପ ରହିବ ।

ରାଜ୍ୟଗୁଡିକ କୃଷି ଚୁକ୍ତିନାମା ପଞ୍ଜିକରଣ କରିବାର ଅଧିକାର ପାଇବେ।

କୃଷକଙ୍କ ଜମିକୁ କେହି ଦଖଲ କରିପାରିବେ ନାହିଁ, କାରଣ ଏହି ନିୟମ କୃଷକଙ୍କ ଜମିର କୌଣସି ପ୍ରକାରର ସ୍ଥାନାନ୍ତର, ବିକ୍ରୟ, ଲିଜ୍ ଏବଂ ବନ୍ଧକ ପାଇଁ ଅନୁମତି ଦେବ ନାହିଁ।

କଣ୍ଟ୍ରାକ୍ଟରମାନେ ଚାଷୀଙ୍କ ଜମିରେ କୌଣସି ସ୍ଥାୟୀ ପରିବର୍ତ୍ତନ କରିପାରିବେ ନାହିଁ।

କୃଷକମାନଙ୍କ ଜମିରେ କୌଣସି ଅସ୍ଥାୟୀ ନିର୍ମାଣ ପାଇଁ କଣ୍ଟ୍ରାକ୍ଟରମାନଙ୍କୁ ଋଣ ଦିଆଯାଇପାରିବ ନାହିଁ।

ପରିସ୍ଥିତି ଯାହା ହେଉନା କାହିଁକି, କୃଷକଙ୍କ ଜମି ଜବରଦଖଲ କରିବାକୁ ଆଇନ କୌଣସି ପ୍ରକ୍ରିୟାକୁ ଅନୁମତି ଦିଏ ନାହିଁ।

